# Seventh Roundtable Meeting of ASEAN-India Network of Think Tanks

May 13, 2022

## ଆସିଆନ-ଭାରତ ଥିଙ୍କଟ୍ୟାଙ୍କ ନେଟୱାର୍କର ସପ୍ତମ ପର୍ଯ୍ୟାୟ ରାଉଣ୍ଡ ଟେବୁଲ ବୈଠକ

**ମଇ 13, 2022**

ଆସିଆନ-ଭାରତ ଥିଙ୍କଟ୍ୟାଙ୍କ ନେଟୱାର୍କ (ଏଆଇଏନଟିଟି) ର ସପ୍ତମ ପର୍ଯ୍ୟାୟ ରାଉଣ୍ଡ ଟେବୁଲ 12-13 ମଇ 2022 ରେ ନୂଆଦିଲ୍ଲୀର ଆରଆଇଏସଠାରେ ଥିବା ଆସିଆନ-ଭାରତ କେନ୍ଦ୍ର ଏବଂ ସହଯୋଗ ଓ ଶାନ୍ତି ପାଇଁ କାମ୍ବୋଡିଆ ସଂସ୍ଥାନ (ସିଆଇସିପି) ର ମିଳିତ ଆନୁକୁଲ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହାଇବ୍ରିଡ ମୋଡ୍ ରେ ଆୟୋଜିତ ହୋଇଯାଇଛି।

2. ଭାରତର ବୈଦେଶିକ ବ୍ୟାପାର ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାଜକୁମାର ରଞ୍ଜନ ସିଂହ ଏବଂ କାମ୍ବୋଡିଆର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରଣାଳୟର ବୈଦେଶିକ ସଚିବ ଡକ୍ଟର କୁଙ୍ଗ ଫୋକ୍ ମିଳିତ ଭାବେ ସପ୍ତମ ଏଆଇଏନଟିଟିର ଉଦଘାଟନ କରିଥିଲେ। ଏହି ଅଧିବେଶନରେ ବରିଷ୍ଠ ଅଧିକାରୀ, ବୈଠକ ନେତା ତଥା ସେମାନଙ୍କର ପ୍ରତିନିଧୀ ଏବଂ ଆସିଆନ ସଦସ୍ୟ ରାଷ୍ଟ୍ରଗୁଡିକର ରାଷ୍ଟ୍ରଦୂତମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ, ଟିକା, ଜଳବାୟୁ ପରିବର୍ତ୍ତନ ଏବଂ ଦୃଢ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରରେ ଆସିଆନ ଏବଂ ଭାରତ ମଧ୍ୟରେ ସହଯୋଗକୁ ମଜବୁତ କରିବାର ଆବଶ୍ୟକତା ଉପରେ ସଚିବ ଫୋକ୍ ନିଜ ଅଭିଭାଷଣରେ ଜୋର ଦେଇଥିଲେ। ମହାମାରୀ ପରେ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ଆସିଆନ ଏବଂ ଭାରତ ମଧ୍ୟରେ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଆଇଟମ୍ ଭାବରେ ସ୍ୱାସ୍ଥ୍ୟ ସୁରକ୍ଷା, ଡିଜିଟାଲ ସହଭାଗୀତା ଏବଂ ସବୁଜ ଓ ନିରନ୍ତର ପୁନରୁଦ୍ଧାରରେ ସହଯୋଗର ଗୁରୁତ୍ୱକୁ ରାଷ୍ଟ୍ରମନ୍ତ୍ରୀ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ।

3. ସମସ୍ତ ଆସିଆନ ସଦସ୍ୟ ରାଷ୍ଟ୍ର ଏବଂ ଭାରତର ବକ୍ତାମାନେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ନିଜର ମତାମତ ରଖିଥିଲେ ଯାହା 'କୋଭିଡ-19 ପରେ ପୁନରୁଦ୍ଧାର: ଆସିଆନ-ଭାରତ ସହଭାଗୀତା ପାଇଁ ଆଞ୍ଚଳିକ ସହଯୋଗ ଏଜେଣ୍ଡା' ବିଷୟବସ୍ତୁ ଉପରେ କେନ୍ଦ୍ରିତ ଥିଲା। ବକ୍ତାମାନେ ନିରନ୍ତର ପୁନରୁଦ୍ଧାର, ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ, ଏସଡିଜି, ଏମଏସଏମଇ, ସଂଯୋଗୀକରଣ ଏବଂ ଦୃଢ ଯୋଗାଣ ଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ବିଶ୍ୱ ଅର୍ଥନୈତିକ ପରିସ୍ଥିତିରେ ପରିବର୍ତ୍ତନ ପରିପ୍ରେକ୍ଷୀରେ ପଣ୍ଡିତ, ଶିକ୍ଷାବିତ ଏବଂ ଥିଙ୍କଟ୍ୟାଙ୍କମାନେ ଭାରତ ଏବଂ ଆସିଆନ ମଧ୍ୟରେ ସଂଯୋଗକୁ ମଜବୁତ କରିବା ଏବଂ ସହଯୋଗ ପାଇଁ ସୁଯୋଗ ଚିହ୍ନଟ କରିବା ନିମନ୍ତେ ନୂତନ ବିଚାର ଉପସ୍ଥାପନ କରିଥିଲେ।

4. ଥିଙ୍କଟ୍ୟାଙ୍କ, ନୀତି ନିର୍ମାତା, ପଣ୍ଡିତ, ଗଣମାଧ୍ୟମ ଏବଂ ବ୍ୟବସାୟ ପ୍ରତିନିଧୀମାନଙ୍କୁ ନେଇ ଗଠିତ ଆସିଆନ-ଭାରତ ରାଉଣ୍ଡ ଟେବୁଲ ସହଯୋଗର ଭବିଷ୍ୟତ ଦିଗ ଉପରେ ସରକାରଙ୍କୁ ନୀତିଗତ ତଥ୍ୟ ଯୋଗାଇବା ପାଇଁ 2009 ରେ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ସପ୍ତମ ଆସିଆନ-ଭାରତ ସମ୍ମିଳନୀରେ ପ୍ରତିଷ୍ଠିତ ହୋଇଥିଲା। ଏହି ଫୋରମ ଏକ ଉଚ୍ଚ ମାନର ଅନୁସନ୍ଧାନ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ଏବଂ ଆସିଆନ-ଭାରତ ରଣନୀତିକ ଭାଗିଦାରୀକୁ ସୁଦୃଢ କରିବା ପାଇଁ ଦୀର୍ଘକାଳୀନ ଦୃଷ୍ଟିକୋଣ ପ୍ରଦାନ କରେ। ଏଆଇଏନଟିଟିର ଗତ ଛଅଟି ରାଉଣ୍ଡ ଟେବୁଲ ଯଥାକ୍ରମେ 2012 ରେ ନୂଆଦିଲ୍ଲୀଠାରେ, 2013 ରେ ଭିଏଣ୍ଟିଆନେ, 2014 ରେ ହାନୋଇ, 2015 ରେ କୁଆଲାଲମ୍ପୁର, 2018 ରେ ଜାକର୍ତ୍ତା ଏବଂ 2020 ରେ ବ୍ୟାଙ୍ଗକକଠାରେ ଅନୁଷ୍ଠିତ ହୋଇଥିଲା।

**ନୂଆଦିଲ୍ଲୀ**
**ମଇ 13, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.